بِسۡمِ اللّٰہِ الرَّحۡمٰنِ الرَّحِیۡمِ

୨୬ ଡ଼ିସେମ୍ବର ୨୦୨୫ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ଈଶ୍ୱରପ୍ରେମ ପ୍ରାସଙ୍ଗିକତାରେ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ]ଙ୍କର ପବିତ୍ର ଜୀବନୀର ବିଶ୍ୱାସବର୍ଦ୍ଧକ ଓ ହୃଦୟଗ୍ରାହୀ ଆଲୋଚନା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଅଊଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୌମିଦ୍‌ଦିନ୍ । ଇୟ୍ୟାକା ନାବୁଦୁ ଓ୍ୱ ଇୟ୍ୟାକା ନସ୍‌ତଈନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଊଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଗତ ଖୁତ୍‌ବାରେ ମୁଁ ହଜରତ ମୁହମ୍ମଦ ମୁସ୍ତଫା[ସ.ଅ]ଙ୍କ ପବିତ୍ର ଜୀବନୀ ସଂକ୍ରାନ୍ତରେ କିଛି ଘଟଣାବଳୀର ଆଲୋଚନା କରିଥିଲି । ଆଜି ଅଲ୍ଲାଃତାଲାଙ୍କୁ ପ୍ରେମ କରିବା ପରିପ୍ରେକ୍ଷୀରେ ଆମର ପ୍ରିୟ ମୁନିବ ହଜରତ ମୁହମ୍ମଦ[ସ.ଅ]ଙ୍କ ପବିତ୍ର ଜୀବନୀର କିଛି ଘଟଣା ବର୍ଣ୍ଣନା କରିବି । ଆମେମାନେ ହୁଜୁର[ସ.ଅ]ଙ୍କ ଜୀବନୀ ଅଧ୍ୟୟନ କଲେ ଏହା ଦେଖିଥାଉ ଯେ ଏହି ଦିଗରୁ ମଧ୍ୟ ଅଲ୍ଲାଃତାଲାଙ୍କୁ ମହାଭାଗ ଅତ୍ୟଧିକ ପ୍ରେମ କରିବାର ପରିପ୍ରକାଶ ହେଉଅଛି । ତହିଁରୁ କେବଳ ମହାଭାଗଙ୍କର ଅଲ୍ଲାଃତାଲାଙ୍କୁ ପ୍ରେମ କରିବା ପ୍ରମାଣିତ ହେଉ ନାହିଁ, ବରଂ ଅଲ୍ଲାଃତାଲା ମଧ୍ୟ ନିଜ ପ୍ରିୟ ନବୀଙ୍କୁ ପ୍ରେମ କରିବା ସାବ୍ୟସ୍ତ ହେଉଛି । ପୁନଶ୍ଚ ଅଲ୍ଲାଃତାଲା ଏହି ପରିପ୍ରକାଶ କରିବା ପରେ ମହାଭାଗଙ୍କ ମାର୍ଗଦର୍ଶନ କରିଥିଲେ । ପୁଣି କିପରି ଏହି ପ୍ରେମରେ ଆହୁରି ଅଧିକ ବଢ଼ି ନିଜ ସମୁଦାୟର ପ୍ରଶିକ୍ଷଣ ଓ ମାର୍ଗଦର୍ଶନ କଲେ । ଏହି ପ୍ରେମର ପରିପ୍ରକାଶ ଆମ୍ଭେ ବିଭିନ୍ନ ବର୍ଣ୍ଣନାରେ ଦେଖିଥାଉ, ଯେଉଁ ପ୍ରେମ ଅଲ୍ଲାଃତାଲା ପୁଣ୍ୟଶ୍ଳୋକଙ୍କ ସହିତ କରିଥିଲେ ଓ ଯେଉଁ ପ୍ରେମ ପୁଣ୍ୟଶ୍ଳୋକ ଅଲ୍ଲାଃତାଲାଙ୍କୁ କରିଥିଲେ । ମହାଭାଗ ହିଁ ସେହି ସମ୍ପୂର୍ଣ୍ଣ ପୁରୁଷ ଯେଉଁ ସ୍ତରରେ କୌଣସି ମାନବ ପହଞ୍ଚି ପାରିବ ନାହିଁ । ହଁ! ଅଲ୍ଲାଃତାଲା ଏହା କହିଛନ୍ତି; ତୁମମାନଙ୍କ ସକାଶେ (ଏହି ରସୁଲ) ଆଦର୍ଶ । ତାଙ୍କର ଅନୁସରଣ କରିବାକୁ ଚେଷ୍ଟା କର । ଏହି କାରଣରୁ ଅଲ୍ଲାଃତାଲା ମହାଭାଗଙ୍କ ମାଧ୍ୟମରେ ଏହି ଘୋଷଣା କରିଦେଲେ ଯେ ଲୋକମାନଙ୍କୁ କହିଦିଅ, ହେ ଲୋକମାନେ! ଯଦି ତୁମେ ଅଲ୍ଲାଃଙ୍କୁ ପ୍ରେମ କରୁଅଛ ତେବେ ମୋର ଅନୁକରଣ କର । ଏପରି ଅବସ୍ଥାରେ ସେ ମଧ୍ୟ ତୁମକୁ ପ୍ରେମ କରିବେ । ଆଉ ତୁମ ଦୋଷତ୍ରୁଟି କ୍ଷମା କରିଦେବେ । ଜାଣିରଖ ଅଲ୍ଲାଃତାଲା ଅତିବ କ୍ଷମାଶୀଳ ଓ ଅଶେଷ ଦୟାବାନ । ସୁତରାଂ ଅଲ୍ଲାଃତାଲାଙ୍କ ପ୍ରେମ ଓ ପ୍ରୀତିଭାଜନ ଲାଭ କରିବାର ପନ୍ଥା ମଧ୍ୟ ମହାଭାଗଙ୍କ ଉତ୍ତମ ଚରିତ୍ରରୁ ଶିଖିବାକୁ ହେବ ।

ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ମହାଭାଗଙ୍କର ନିଜ ପାଳକର୍ତ୍ତାଙ୍କୁ ପ୍ରେମ କରିବାର ଯେଉଁ ନମୁନା ଆମମାନଙ୍କୁ ହଦିସ୍ ଗ୍ରନ୍ଥରେ ଦେଖିବାକୁ ମିଳୁଅଛି, ଯେ ମହାଭାଗ ନିଜ ସୃଷ୍ଟିକର୍ତ୍ତାଙ୍କ ପ୍ରେମ ଓ ଭଲ ପାଇବା ଲାଭ କରିବାକୁ ଅତ୍ୟନ୍ତ ଉତ୍କଣ୍ଠିତ ହୋଇ ଏହି ଦୁଆ କରୁଥିଲେ, ହେ ଅଲ୍ଲାଃ! ମୁଁ ତୁମ ଠାରୁ ତୁମ ପ୍ରେମ ଭିକ୍ଷା କରୁଅଛି ଓ ତାହାର ପ୍ରେମ କାମନା କରୁଅଛି, ଯିଏକି ତୁମକୁ ପ୍ରେମ କରୁଅଛି । ଆଉ ଏପରି କାର୍ଯ୍ୟ ସମ୍ପାଦନ କରିବାକୁ ସାମର୍ଥ୍ୟ ଭିକ୍ଷା କରୁଅଛି, ଯାହାକି ତୁମ ପ୍ରେମ (ଅର୍ଜନ କରିବା) ପର୍ଯ୍ୟନ୍ତ ପହଞ୍ଚାଇ ଦେବ । **ହେ ଅଲ୍ଲାଃ! ତୁମ୍ଭେ ନିଜ ପ୍ରେମ ମୋ ଅସ୍ତିତ୍ୱ, ମୋ ପରିବାର ଓ ଶୀତଳ ଜଳ ଠାରୁ ମଧ୍ୟ ଅଧିକ ପ୍ରିୟ କରିଦିଅ ।** ଅତଃ ଏହା ସେହି ଦୁଆ ଯାହାକି ଆଜି ପ୍ରତ୍ୟେକ ବ୍ୟକ୍ତି ଯେ ପୁଣ୍ୟଶ୍ଳୋକଙ୍କୁ ପ୍ରେମ କରୁଥିବାର ଦାବି କରେ, ତାହାକୁ (ଏହି ଦୁଆ) କରିବା ଉଚିତ୍ ଏବଂ ଯିଏ ସର୍ବଶକ୍ତିମାନ ଅଲ୍ଲାଃତାଲାଙ୍କୁ ପ୍ରେମ କରୁଥିବାର ପରିପ୍ରକାଶ କରିବାକୁ ଚାହୁଁଛି,

ଯିଏ ଅଲ୍ଲାଃଙ୍କ ପ୍ରେମୀ ହେବାକୁ ଚାହୁଁଛି ଓ ଅଲ୍ଲାଃତାଲା ତାହା ଉପରେ କୃପାବତୀର୍ଣ୍ଣ କରିବେ ।

ଅଲ୍ଲାଃତାଲାଙ୍କୁ ପ୍ରେମ କରିବାର ଏକ ଘଟଣା ଚର୍ଚ୍ଚା କରି ହଜରତ ଆଏଶା[ର.ଅ] ଏପରି ବର୍ଣ୍ଣନା କରିଛନ୍ତି, ଏକଦା ରାତିରେ ମୁଁ ହୁଜୁର[ସ.ଅ]ଙ୍କୁ ସଜ୍‌ଦାଃରେ ଏହି ଦୁଆ କରୁଥିବାର ଶୁଣିଲି ଯେ, ହେ ପ୍ରଭୁ ! ମୁଁ ତୁମ ପ୍ରସନ୍ନତା ପ୍ରାପ୍ତିର ଶରଣ ଭିକ୍ଷା କରୁଅଛି ଏବଂ ତୁମ ଅସନ୍ତୋଷ ଓ ତୁମ ଦୟା ତଥା କ୍ଷମାର (ମୁଁ) ଅଭିଳାଷୀ । ତୁମ ଶାସ୍ତିକୁ, ମୁଁ ତୁମ ପ୍ରଶଂସାରେ ଗଣନା କରିପାରିବି ନାହିଁ । ତୁମେ ସେହିପରି ଯେପରି ତୁମେ ନିଜର ମହିମା ବର୍ଣ୍ଣନା କରିଅଛ । ଏହିପରି ହଜରତ ଆଏଶା[ର.ଅ] କୁହନ୍ତି; ଏକଦା ରାତିରେ ମୁଁ ମହାଭାଗଙ୍କୁ ଏହା କହୁଥିବାର ଶୁଣିଲି, ହେ ପ୍ରଭୁ ! ତୁମ୍ଭ ଛାମୁରେ ମୋର ଶରୀର ଓ ପ୍ରାଣ ସଜ୍‌ଦାଃରେ ପଡି ରହିଛି । ମୋର ହୃଦୟ ତୁମ ଉପରେ ବିଶ୍ୱାସ ସ୍ଥାପନ କରିଛି । ହେ ଆମ୍ଭର ପ୍ରଭୁ ! ଏହା ମୋର ଦୁଇଟି ହାତ ଯାହାକି ତୁମ ନିକଟରେ ମୁଁ ପ୍ରସାରିତ କରୁଅଛି ଏବଂ ଏତଦ୍ ଦ୍ୱାରା ଯାହା ମୁଁ ନିଜ ପ୍ରାଣ ଉପରେ ଅତ୍ୟାଚାର କରିଅଛି, ତାହା ମଧ୍ୟ ତୁମ୍ଭକୁ ଖୁବ୍ ଭଲ ଭାବରେ ଜଣା । ହେ ମହାନ ସତ୍ତା ! ଯାହା ଠାରୁ ପ୍ରତ୍ୟେକ ବଡରୁ ବଡ ପ୍ରସଙ୍ଗର ଆଶା କରାଯାଇଥାଏ, ତୁମ୍ଭେ ଆମର ସମସ୍ତ ବଡ ବଡ ପାପ କ୍ଷମା କରିଦିଅ । ତତ୍ ପଶ୍ଚାତ ମହାଭାଗ ହଜରତ ଆଏଶା[ର.ଅ]ଙ୍କୁ କହିଲେ; ଅସଲ କଥା ଏହିକି ଯେ ଏବେ ହଜରତ ଜିବରିଲ୍ ମୋ ନିକଟକୁ ଆସିଥିଲେ ଏବଂ ସେ ମୋତେ ଏହି ଦୁଆ ପାଠ କରିବାକୁ କହିଲେ । ତେଣୁ ତୁମେ ମଧ୍ୟ ସଜ୍‌ଦାଃରେ ଏହି ଦୁଆ ପାଠ କର । **ଯେଉଁ ବ୍ୟକ୍ତି ଏହି ଶ୍ଳୋକ ପାଠ କରିବ ସେ ସଜ୍‌ଦାଃରୁ ନିଜ ମସ୍ତକ ଉଠାଇବା ପୂର୍ବରୁ କ୍ଷମା କରିଦିଆଯିବ** । ଆଉ ଏକ ବର୍ଣ୍ଣନା ଅନୁଯାୟୀ, ହଜରତ ଜିବରିଲ୍ କହିଲେ; ଆପଣଙ୍କ ପାଳନକାର୍ତ୍ତା ଆପଣଙ୍କୁ କହିଛନ୍ତି, ଯେ ଆପଣ ଜନ୍ନତୁଲ୍ ବକି (ସ୍ମଶାନବାସୀଙ୍କ) ନିକଟକୁ ଯାଅ ଓ ସେମାନଙ୍କ ନିମନ୍ତେ କ୍ଷମାଯାଚନା ପୂର୍ବକ ଦୁଆ କର । ହଜରତ ଆଏଶା[ର.ଅ] କହିଲେ; ମୁଁ ମଧ୍ୟ ଏହି ପୁଣ୍ୟରେ ଅଂଶ ଗ୍ରହଣ କରିପାରିବି । କାରଣ ଏବେ ମୁଁ ମଧ୍ୟ ସେହିଠାରୁ ହିଁ ଫେରୁଅଛି, ତେବେ ମୁଁ କେଉଁ ଦୁଆ କରିବି ? ମହାଭାଗ କହିଲେ; ତୁମେ ଏହି ଦୁଆ କର ଯେ 'ବିଶ୍ୱାସକାରୀ ଓ ମୁସଲମାନମାନଙ୍କ ମଧ୍ୟରୁ ଏହି ଅନ୍ତଃବାସୀଙ୍କ ଉପରେ ଶାନ୍ତି ଓ ସୁରକ୍ଷା ଅବତୀର୍ଣ୍ଣ ହେଉ । ଅଲ୍ଲାଃତାଲା ଆମମାନଙ୍କ ମଧ୍ୟରୁ ଆଗରେ ଚାଲି ଯାଇଥିବା ଲୋକମାନଙ୍କ ଉପରେ ଦୟା ଅବତୀର୍ଣ୍ଣ କରନ୍ତୁ । ଯଦି ଅଲ୍ଲାଃ ଚାହିଁବେ ତେବେ ଆମ୍ଭେ ମଧ୍ୟ ତୁମମାନଙ୍କୁ ସାକ୍ଷାତ କରିନେବୁ ।'

ହଜରତ ଇବ୍‌ନେ ଉମର୍ ହଜରତ ଆଏଶା[ର.ଅ]ଙ୍କୁ ପ୍ରଶ୍ନ କଲେ, ହଜରତ ମୁହମ୍ମଦ ମୁସ୍ତଫା[ସ.ଅ]ଙ୍କର ସବୁଠାରୁ ପ୍ରିୟ ଓ ଆଶ୍ଚର୍ଯ୍ୟଜନକ ପ୍ରସଙ୍ଗ କ'ଣ ଥିଲା, ଯାହାକି ଆପଣ ଦେଖିଛନ୍ତି, ତାହା ମୋତେ କୁହନ୍ତୁ ? ଏହା ଶୁଣି ହଜରତ ଆଏଶା[ର.ଅ] ରୋଦନ କରିବାକୁ ଲାଗିଲେ । ତା'ପରେ କହିଲେ; ମହାଭାଗଙ୍କର ତ ପ୍ରତ୍ୟେକ ଆଚରଣ ଅତି ସୁନ୍ଦର, ନିଆରା ଓ ଅଭୂତପୂର୍ବ୍ବ ଥିଲା । ପୁନଶ୍ଚ ହଜରତ ଆଏଶା[ର.ଅ] କହିଲେ; ଏକଦା ହୁଜୁର[ସ.ଅ] ମୋ ପାଳିର ରାତିରେ ମୋ ନିକଟକୁ ଆସିଲେ ଓ ମୁଁ ମହାଭାଗଙ୍କ ପବିତ୍ର ଶରୀରକୁ ଅନୁଭବ କରୁଥିଲି । ହୁଜୁର ମୋତେ କହିଲେ; ହେ ଆଏଶା ! ଯଦି ତୁମେ ମୋତେ ଅନୁମତି ଦିଅନ୍ତ ତେବେ ଆଜି ରାତିଟା ମୁଁ ନିଜ ପାଳନକର୍ତ୍ତାଙ୍କ ଉପାସନା କରିବାରେ ବ୍ୟତୀତ କରନ୍ତି ? ମୁଁ ଉତ୍ତର ଦେଲି ମୋତେ ଆପଣଙ୍କ ସାନ୍ନିଧ୍ୟ ଓ ମନବାଂଛା ଉଭୟ (ପୂରଣ କରିବା) ଅତି ପ୍ରିୟ । ଅତଃ ହୁଜୁର[ସ.ଅ] ଓ୍ୱଜୁ କରିବା ପରେ ଛିଡ଼ା ହେଲେ ଓ ପବିତ୍ର କୁରଆନ ପାଠ କରି ରୋଦନ କରିବାକୁ ଲାଗିଲେ, ଏପରିକି ମୁଁ ଦେଖିଲି ଲୁହ ଆପଣଙ୍କ ପଣତ ପର୍ଯ୍ୟନ୍ତ ବହିଗଲା । ସେଥିଅନ୍ତେ ମହାଭାଗ ନିଜ ଦକ୍ଷିଣ ପାର୍ଶ୍ୱ ଆଡ଼କୁ ଭରା ଦେଇ ଆଉଜି ଗଲେ ଓ ନିଜର ଦକ୍ଷିଣ ହସ୍ତକୁ ନିଜ ପବିତ୍ର ଗାଲ ତଳେ ରଖିଲେ ଏବଂ ପୁନଶ୍ଚ ରୋଦନ କରି ଚାଲିଲେ । ଏପରିକି ମୁଁ ଦେଖିଲି ଯେ ମହାଭାଗଙ୍କ ଚକ୍ଷୁରୁ ଲୁହ ବହି ଭୂମିରେ ପଡିଲା । ତା'ପରେ ହଜରତ ବିଲାଲ୍[ର.ଅ] ମହାଭାଗଙ୍କୁ ଫଜର୍ ନମାଜ୍

ପାଠ କରିବା ପାଇଁ ଡ଼ାକିବାକୁ ଆସିଲେ ଯେତେବେଳେ ସେ ପୁଣ୍ୟଶ୍ଳୋକଙ୍କୁ ରୋଦନ କରୁଥିବାର ଦେଖିଲେ ସେତେବେଳେ ସେ ପଚାରିଲେ ହେ ଅଲ୍ଲାଃଙ୍କ ରସୁଲ ! ଆପଣ ରୋଦନ କରୁଛନ୍ତି ? ଯେବେକି ଐଶ୍ୱର୍ଯ୍ୟମୟ ଅଲ୍ଲାଃ ମହାଭାଗଙ୍କର ପୂର୍ବ ଓ ପର ସମସ୍ତ ଦୋଷତ୍ରୁଟି କ୍ଷମା କରି ଦେଇଛନ୍ତି । ହୁଜୁର[ସ.ଅ] ଉତ୍ତର ଦେଲେ- କ'ଣ ମୁଁ (ନିଜ ପାଳନକର୍ତ୍ତାଙ୍କ) କୃତଜ୍ଞ ଭକ୍ତ ହେବି ନାହିଁ ?

ହୁଜୁର[ସ.ଅ]ଙ୍କର ସମ୍ପୂର୍ଣ୍ଣ ଜୀବନ ନିଜ ସୃଷ୍ଟିକର୍ତ୍ତାଙ୍କ ପ୍ରେମରେ ପରିପୂର୍ଣ୍ଣ ରହିଥିଲା । ସେହି ଈଶ୍ୱରପ୍ରେମର ଦୃଶ୍ୟକୁ ଦେଖି ମକ୍କାବାସୀମାନେ କହୁଥିଲେ- ଇନ୍ନା ମୁହମ୍ମଦନ୍ ଅଶିକା ରବ୍‌ବହୁ । ଅର୍ଥାତ୍ ମୁହମ୍ମଦ[ସ.ଅ] ତ ନିଜ ପାଳନକର୍ତ୍ତାଙ୍କ ପ୍ରେମରେ ନିମଗ୍ନ ହୋଇଯାଇଛି । ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଏହି ଆଦର୍ଶପୂର୍ଣ୍ଣ ବ୍ୟବହାର ଓ ଈଶ୍ୱରପ୍ରେମର ନମୁନା ଥିଲା, ଯାହାର କିଛି ଉଦାହରଣ ମୁଁ ଉପସ୍ଥାପନ କଲି । **ସେହି ସବୁ ନମୁନାର ପ୍ରଭାବ ଥିଲା, ଯେ ସାହାବାଙ୍କ ଠାରେ ଏକ ମହାନ ବିପ୍ଳବ ସୃଷ୍ଟି ହୋଇଯାଇଥିଲା** । ଆଉ ସେମାନେ ଏପରି ଉଚ୍ଚାସନ ଓ ମର୍ଯ୍ୟାଦା ପ୍ରାପ୍ତ କଲେ ଯାହାର ଏହା ପୂର୍ବରୁ କଦାପି କେହି କଳ୍ପନା ମଧ୍ୟ କରିପାରି ନଥିଲା । ଏବଂ ଏହା ସେହି ସମ୍ପୂର୍ଣ୍ଣ ଶିକ୍ଷା ଯାହାକୁ ମହାଭାଗଙ୍କ ସତ୍ୟବାଦୀ ଦାସ ହଜରତ ମସିହ ମଉଦ[ଅ.ସ] ମଧ୍ୟ ଆପଣାଇଲେ । ହଜରତ ମସିହ ମଉଦ[ଅ.ସ] ଗୋଟିଏ ସ୍ଥାନରେ କହିଛନ୍ତି, ଅଲ୍ଲାଃତାଲା ଏହି ବିନୀତକୁ ମଧ୍ୟ ହୁଜୁର[ସ.ଅ]ଙ୍କ ଅନୁସରଣ କରିବା ଫଳରେ ନିଜର ଅପାର କୃପା ଓ ଅନୁଗ୍ରହ ପ୍ରଦାନ କରିଛନ୍ତି । ଆଜି ଆମେମାନେ ଯେଉଁ ଦାବି କରୁଅଛେ, ଯେ ଆମେ ପବିତ୍ର ଅବତାର ହଜରତ ମୁହମ୍ମଦ[ସ.ଅ]ଙ୍କୁ ସହୃଦୟରୁ ଗ୍ରହଣ କରିଛେ ତଥା ଆମେମାନେ ମହାଭାଗଙ୍କ ସଚ୍ଚୋଟ ଦାସଙ୍କ ପବିତ୍ର ହସ୍ତରେ ବୈଅତ୍ କରି ଏହି ନୂତନିକରଣ ଓ ଶପଥ କରିଛେ, ଯେ ଆସନ୍ତାରେ ଆମେମାନେ ନିଜ ଜୀବନ ଅଲ୍ଲାଃତାଲାଙ୍କ ଆଦେଶ ଅନୁଯାୟୀ କାର୍ଯ୍ୟ କରିବାକୁ ପ୍ରୟାସ କରିବୁ । ତେଣୁ ଆମମାନଙ୍କୁ ଏଥିପ୍ରତି ଧ୍ୟାନ ଦେବା ଉଚିତ୍, ଯେ ଆମେମାନେ ପ୍ରତ୍ୟେକ କାର୍ଯ୍ୟ ନିଷ୍ଠାର ସହିତ କେବଳ ଅଲ୍ଲାଃତାଲାଙ୍କ ସକାଶେ କରିବୁ । ତାଙ୍କ ପ୍ରେମରେ ଆଗକୁ ବଢ଼ିବାକୁ ଚେଷ୍ଟା କରିବୁ । ଅଲ୍ଲାଃତାଲା ଆମମାନଙ୍କୁ ଏଥିପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଆଜିକାଲି ପାକିସ୍ତାନର ଅହମଦିମାନଙ୍କ ସକାଶେ ଦୁଆ କରିବେ । ସେଠାରେ ଶ୍ରୀମାନ ମୁବାରକ୍ ସାନୀ ସାହେବ ଯାହାଙ୍କ ବିରୁଦ୍ଧରେ ପବିତ୍ର କୁରଆନ ରଖିଥିବା, ତାହାକୁ ପାଠ କରିବା ଓ (ଅନ୍ୟକୁ) ତାହା ପଢ଼ାଉ ଥିବା ଅଭିଯୋଗରେ ମକଦ୍ଦମା କରାଯାଇଥିଲା । ତେବେ ଦୀର୍ଘ ଦିନ ପରେ ଏବେ ସେକଶନ୍ ଜଜ୍ ତାଙ୍କୁ ଆଜୀବନ କାରାବରଣର ଦଣ୍ଡାଦେଶ ଶୁଣାଇଛି । ଆମେମାନେ ଦୁଆ କରୁଛୁ, ଅଲ୍ଲାଃତାଲା ସେହି (ଅତ୍ୟାଚାରୀମାନଙ୍କର) ଶୀଘ୍ର ଧରପଗଡ କରନ୍ତୁ । ଇନ୍ନଶାଅଲ୍ଲାଃ ପରାକ୍ରମୀ ଅଲ୍ଲାଃଙ୍କ ଶାସ୍ତି ଖୁବ୍ ଶୀଘ୍ର (ସେମାନଙ୍କୁ) କବଳିତ କରିବ । କାରଣ ତାହାର ଲକ୍ଷଣ ଦୃଶ୍ୟମାନ ହେଉଅଛି, କିନ୍ତୁ ଆମର ଦୁଆରେ ହ୍ରାସ ଅବା ଆଦେଶ ପାଳନ ଅବା ଉପାସନାର କର୍ତ୍ତବ୍ୟ ସଠିକ୍ ରୂପେ ନିର୍ବାହ ନକରିବା ଯୋଗୁଁ ସେଥିରେ ବିଘ୍ନ କିମ୍ୱା ବିଳମ୍ବ ନଘଟୁ । ଏଥିପ୍ରତି ଚିନ୍ତିତ ହେବା ଉଚିତ୍, ଯେପରିକି ହୁଜୁର[ସ.ଅ] ମେଘମାଳାକୁ ଦେଖି ଅନେକ ସମୟରେ ଭୟରେ ଦୁଆ କରୁଥିଲେ । ସୁତରାଂ ଦୁଆ କରିବା ପ୍ରତି ବିଶେଷ ମନୋଯୋଗ କରିବା ଉଚିତ୍ । ଏହିପରି ବାକି ଜଗତର ଅତ୍ୟାଚାରୀତ ଲୋକମାନଙ୍କ ସକାଶେ ମଧ୍ୟ ଦୁଆ କରିବେ । ଅଲ୍ଲାଃତାଲା ପ୍ରତ୍ୟେକ ସ୍ଥାନରେ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଶାନ୍ତି ଓ ସୁରକ୍ଷା ବଳୟ ମଧ୍ୟରେ ରଖନ୍ତୁ । ଆଉ ସମସ୍ତ ପ୍ରକାରର ବିପତ୍ତି, ଉପଦ୍ରବ ଓ ବିଶୃଙ୍ଖଳା ପୂର୍ଣ୍ଣ ପରିସ୍ଥିତିରୁ ରକ୍ଷା କରନ୍ତୁ ।

ପରିଶେଷରେ ମହାମହିମ ହୁଜୁର ଅନଓ୍ୱର[ଅ.ବ] ଦୁଇଜଣ ମୃତକଙ୍କର ଉତ୍ତମ ଚରିତ୍ର ଚର୍ଚ୍ଚା କଲେ । ପ୍ରଥମ ହେଲେ ଶ୍ରୀମାନ ମୌଲାନା ଜଲାଲୁଦ୍ଦିନ୍ ନୈୟର୍ ସାହେବ ଯିଏକି ସଦର୍ ଅଞ୍ଜୁମନ ଅହମଦିୟାର ପୂର୍ବତନ ସଦର୍ ତଥା ସଦର୍ ମଜଲିସ୍ ତେହରିକ୍ ଜଦିଦ୍ ମଧ୍ୟ ଥିଲେ । ବିଗତ ଦିନରେ ତାଙ୍କର ଦେହାନ୍ତ ଘଟିଛି, ଇନ୍ନା ଲିଲ୍ଲାହି ଓ ଇନ୍ନା ଇଲୈହି ରାଜେଉନ୍ । ତାଙ୍କ ପିତା ଶ୍ରୀମାନ ଏଚ୍ ହୁଶେନ୍ ସାହେବ କେରଳ ରାଜ୍ୟର ନିବାସୀ ଥିଲେ,

ଯିଏକି ୧୯୨୨ମସିହାରେ ଅହମଦିୟତ୍ ସ୍ୱୀକାର କରିଥିଲେ । ସେ ଜମାଅତର ପତ୍ରିକା 'ସତ୍ୟାଦୁତନ୍'ର ସମ୍ପାଦକ ନିଯୁକ୍ତ ହୋଇଥିଲେ । ୧୯୫୦ମସିହାରେ ହଜରତ ମୁସଲେହ୍ ମଉଦ[ର.ଅ]ଙ୍କର କାଦିୟାନ ଆବାଦ୍ କରିବା ଆହ୍ୱାନରେ ସେ ଲବୈକ୍ (ହାଜର ହୋଇ) ନିଜର ପରିବାରବର୍ଗ ସହିତ କାଦିୟାନ ଚାଲି ଆସିଥିଲେ । କିନ୍ତୁ ବର୍ଷକରେ ହିଁ କାଦିୟାନରେ ତାଙ୍କର ମୃତ୍ୟୁବରଣ ହୋଇଯାଇଥିଲା । ଆଉ ନୈୟର୍ ସାହେବଙ୍କର ମାତା ଶ୍ରୀମତୀ ଯୁବେଦାଃ ସୁଲତାନ୍ ସାହେବାଃ ଶ୍ରୀମାନ ଚୌଧରୀ ଅବ୍ଦୁଲ୍ ହକ୍ ସାହେବ ଦରବେଶ୍ଙ୍କୁ ଦ୍ୱିତୀୟ ବିବାହ କରିଥିଲେ । ମୌଲାନା ଜଲାଲୁଦ୍ଦିନ୍ ନୈୟର୍ ସାହେବ ନିଜର ପ୍ରାଥମିକ ଶିକ୍ଷା କାଦିୟାନରୁ ହାସଲ କରିଥିଲେ ଓ ୧୯୬୩ ମସିହାରେ ମୌଲବୀ ଫାଜିଲ୍ ପରୀକ୍ଷା ପାସ କରିଥିଲେ । ତା'ପରେ ତାଙ୍କୁ ବୈତୁଲ୍ ମାଲ୍ର ଇନିସ୍ପେକ୍ଟର ଭାବରେ ଦୀର୍ଘ କାଳ ପର୍ଯ୍ୟନ୍ତ ସେବା କରିବାର ସୌଭାଗ୍ୟ ଲାଭ ହୋଇଥିଲା । ଯାହା ଫଳରେ ଭାରତ ବର୍ଷର ଦୂରଦୂରାନ୍ତର ଜମାଅତ ସହିତ ତାଙ୍କର ସମ୍ପର୍କ ଗଢ଼ି ଉଠିଥିଲା । ଦୀର୍ଘ ୬୩ ବର୍ଷ ପର୍ଯ୍ୟନ୍ତ ସ୍ୱର୍ଗତ ନୈୟର୍ ସାହେବ ଜମାଅତର ସେବା କରିଛନ୍ତି । ଏହି ଅବଧି ମଧ୍ୟରେ ସେ ଅଡ଼ିଟର୍, ମୁହାସିବ୍ ଓ ଦୀର୍ଘ କାଳ ପର୍ଯ୍ୟନ୍ତ ନାଜିର୍ ବୈତୁଲ୍ ମାଲ୍ ଇତ୍ୟାଦି ପଦବୀରେ ସେବା କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି । ସାତ ବର୍ଷ ପର୍ଯ୍ୟନ୍ତ ସେ ସଦର୍ ଅଞ୍ଜୁମନ୍ ଅହମଦିୟା ପରି ଉଚ୍ଚପଦବୀରେ ଅଧିଷ୍ଠିତ ରହିଥିଲେ । ତା'ପରେ ଯେପର୍ଯ୍ୟନ୍ତ ସ୍ୱାସ୍ଥ୍ୟାବସ୍ଥା ସାମାନ୍ୟ ରହିଥିଲା, ସେ ସଦର୍ ସଦର୍ ମଜଲିସ୍ ତେହରିକେ ଜଦିଦ୍ ଭାବରେ ଦାୟିତ୍ୱ ତୁଲାଇ ଥିଲେ । ଏହିପରି ଜମାଅତର ଉପବିଭାଗ ଗୁଡ଼ିକରେ ମଧ୍ୟ ତାଙ୍କୁ ସେବା କରିବାର ଅବସର ମିଳିଥିଲା । ସେ ଏକାଧାରାରେ ଜଣେ ଉପାସନାକାରୀ, ନମାଜ ଓ ରୋଜାର ପାଳନକାରୀ ବ୍ୟକ୍ତି ଥିଲେ । ଖିଲାଫତ୍ର ପ୍ରତ୍ୟେକ ଆଦେଶ ପାଳନକାରୀ ପ୍ରଥମ ଶ୍ରେଣୀର ଲୋକମାନଙ୍କ ମଧ୍ୟରେ ସେ ଅନ୍ତର୍ଭୁକ୍ତ ଥିଲେ । ଆଉ ସେ ଜଣେ ଭଲ ଆଥଲେଟ୍ ମଧ୍ୟ ଥିଲେ । ତାଙ୍କର ଦୁଇଜଣ ପୁତ୍ର ଓ ଜଣେ କନ୍ୟା ସନ୍ତାନ ଅଛନ୍ତି, ଯେଉଁମାନେ ଜମାଅତର ସେବା କାର୍ଯ୍ୟରେ ନିୟୋଜିତ ଅଛନ୍ତି । ଏହିପରି ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ଶ୍ରୀମାନ ମୀର୍ ହବିବ୍ ଅହମଦ ସାହେବ ସୁପୁତ୍ର ଶ୍ରୀମାନ ମୀର୍ ମୁସ୍ତାକ୍ ଅହମଦ ସାହେବଙ୍କର ମଧ୍ୟ ଉତ୍ତମ ଚରିତ୍ର ଚର୍ଚ୍ଚା କଲେ । ଆଉ ଉଭୟଙ୍କ କ୍ଷମାଯାଚନା ଓ ବୈକୁଣ୍ଠରେ ସେମାନଙ୍କ ସ୍ତର ଉର୍ଦ୍ଧ୍ୱଗାମୀ ହେବା ନିମନ୍ତେ ଦୁଆ କଲେ ତଥା ସେମାନଙ୍କ ନମାଜ ଜନାଯାଃ ଗାଏବ୍ ପାଠ କରିବାର ଘୋଷଣା କଲେ ।

---

ଅଲ୍ହମ୍ଦୁ ଲିଲ୍ଲାହି ନହ୍ମଦୁହୁ ଓ୍ୱ ନସ୍ତଈନୁହୁ ଓନସ୍ତଗ୍ଫିରୁହୁ ଓନୁମିନୁ ବିହି ଓନତଓକ୍କଲୁ ଆଲୈହି ଓ ନଉଜୁବିଲ୍ଲା ମିନ୍ ଶୁରୁରେ ଅନ୍ଫୁସିନା ଓ ମିନ୍ ସଈୟାତି ଆମାଲିନା ମଇଁ ୟହ୍ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଇଁ ୟୁଜ୍ଲିଲ୍ହୁ ଫଲା ହାଦିୟା ଲହୁ ଓନଶ୍ହଦୁ ଅଲ୍ଲା ଇଲାହା ଇଲ୍ଲାହୁ ଓ୍ୱନଶ୍ହଦୁ ଅନ୍ନା ମୁହମ୍ମଦନ୍ ଅବ୍ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍ମକୁମୁଲ୍ଲାହା ଇନ୍ନଲ୍ଲାହା ୟାମୁରୁବିଲ୍ ଅଦ୍ଲେ ଓ୍ୱଲ୍ ଇହ୍ସାନି ଓ୍ୱଇତାଇଜିଲ କୁର୍ବା ଓ୍ୱୟନ୍ହା ଅନିଲ୍ ଫହ୍ଶାଇ ଓ୍ୱଲ୍ ମୁନ୍କରି ଓ୍ୱଲ୍ ବଗ୍ଇ ୟଇଜୁକୁମ୍ ଲଅଲ୍ଲକୁମ୍ ତଜକ୍ କରୁନ୍ ଉଯ୍କୁରୁଲ୍ଲାହା ୟଯ୍କୁରୁକୁମ୍ ଓଦ୍ଉହୁ ୟସ୍ତଜିବ୍ ଲକୁମ୍ ଓଲଯିକ୍ରୁଲ୍ଲାହି ଅକ୍ବର୍ ।

★★★ ★★★ ★★★

Khulasa Khutba Juma Huzoor Anwar a.b.a

26th December 2025

*Translated to Odia by :* Moulavi Anwar Ahmad Khan